


# ସମୟର ଅନ୍ତରାଳେ


ସୁଦର୍ଶନ ମହାପାତ୍ର

ମାଇଁଙ୍କ ଦେହ ଭଲ ନାହିଁ ବୋଲି ଶୁଣିଲି ବଡ଼ଭାଇଙ୍କ ଠାରୁ। ଦିନେ ଦୁଇତିନି ଦିନରେ ଯାଇ ବୁଲି ଆସିଲେ ଭଲ ହେବ ବୋଲି ଆମେ କଥା ହେଲୁ। ମାମୁ ମାଇଁ ଙ୍କ ବୟସ ଅଶୀ ପାଖାପାଖି ହେବ। ରହନ୍ତି ପୁରୀରେ। ହେଲେ ପୁରୀ ହେଉଛି ଏବେକାର ଠିକଣା। ପୈତୃକ ଜାଗା ଅନ୍ୟୂନ ଦେଢ଼ଶହ କିଲୋମିଟର ଦୂର ଗାଁ ରେ। ଗାଁ ର ଜମିବାଡ଼ି ସହିତ ଘରଡିହ ଖଣ୍ଡିକ ବିକ୍ରି କରିଦେଇ ପୁରୀରେ ଜାଗା ଖଣ୍ଡେ କିଣି ଘର ତିଆରି କରି ରହିଲେ। ହେଲେ ପୁରୀ ସହରକୁ ନିଜର ପସନ୍ଦ ରୂପେ ମାମୁ କାହିଁକି ବାଛିଲେ ମୋ ପିଲାମନ ସେତେବେଳେ ବୁଝି ପାରିନଥିଲା । ‘ ପୁରୀରେ ଜଗନ୍ନାଥ ମହାପ୍ରଭୁ ର?ହନ୍ତି , ସେଥିପାଇଁ ତୋ ମାମୁ ଯାଇ ସେଇଠି ରହିଲେ‘ ବୋଲି ଯେତେବେଳେ କହିଲା ମୁଁ ବିଶ୍ୱାସ କଲି ନାହିଁ ।କାରଣ ବୋଉର ମୁହଁର ଥତମତ ଭାବ ଏବଂ କହିବାର ଶୈଳୀ ଭିନ୍ନ କିଛି ସୂଚିତ କରୁଥିଲା।

ମାମୁଘର ବୋଲି କହିବାକୁ ଆଉ କିଛି ନଥିଲା ମୋ ପାଇଁ ।ଯୋଜନ ଦୂର ଲାଗୁଥିଲା ମାମୁଘର ।ପୂଜା ପାର୍ବଣ ବା ଉତ୍ସବ କିଛି ପାଖେଇ ଆସିଲେ ମନରେ ବିରସ ଭାବ ଫୁଟି ଉଠୁଥିଲା ଆପେ। ବୋଉ ମୁହଁରେ ତା’ର ଝଲକ ସ୍ପଷ୍ଟ ବାରି ହେଉଥିଲା।ମୋ ଭିତରୁ ଉଦବେଳନ ମରିଯାଇଥିଲା ଭିତରେ ଭିତରେ। କାହାକୁ ଆଉ କିଛି କହି ହେଉନଥିଲା ମାମୁଘର ବୁଲି ଯାଇଥିବା ବିଷୟରେ। ଯାହା ହେଉ ନିର୍ଦ୍ଧାରିତ ଦିନ ମୁଁ ପୁରୀ ଅଭିମୁଖେ ଯିବାକୁ ବାହାରିବା ବେଳକୁ ବଡ଼ଭାଇ ସାମାନ୍ୟ ଅସୁସ୍ଥ ଥିବାରୁ ଯିବାକୁ ଇଛା ପ୍ରକାଶ କଲେ ନାହିଁ। ପରେ କେବେ ଯିବା ତାଙ୍କ କଥାକୁ କାଟି ମୁଁ ପହଞ୍ଚିଲି ପୁରୀରେ, ମାମୁଘରେ...! ମାମୁଙ୍କ ନଜର ପଡିଲା ମୋ ଉପରେ ତ ‘ଦେଖ ଦୀପୁ ଆସିଛି‘ ବୋଲି ଖୁସିରେ ଚିଲେଇଲା ଭଳି କହିଲେ ମାଇଁ ଙ୍କ ଉଦ୍ଦେଶ୍ୟରେ। ମୋତେ ଅଚାନକ ଦେଖି ସତରେ ସେମାନେ ଖୁବ୍ ଖୁସି ହୋଇଗଲେ ବୋଲି ମୋର ଅନୁଭବ ହେଲା।

କଥା ଅବସରରେ ମାମୁ ମାଇଁ ସେମାନଙ୍କ ଏକଲାପଣର କଥା କହି ଖୁବ୍ ମନଦୁଃଖ କଲେ।

ଦୁଇ ପୁଅ ଯାକ ସେମାନଙ୍କ ଠାରୁ ଦୂରରେ ର?ହୁଥିଲେ। ବଡ଼ପୁଅ ସୌଭାଗ୍ୟ ବିଦେଶରେ ଏବଂ ସାନପୁଅ ସୌରଭ ରହୁଥିଲା ଭୁବନେଶ୍ୱରେ।ସାନପୁଅ ଯେ ସେମାନଙ୍କ ଠାରୁ ଦୂରେଇ ଯାଇ ଅଲଗା ରହିବ ତାଙ୍କର ବିଶ୍ୱାସ ନଥିଲା। ସେଇଥିରୁ ଗୋଟିଏ ହେଲା ପଞ୍ଚମ ଶ୍ରେଣୀରେ ମାମୁଙ୍କ ବୃତ୍ତି ପାଇବାର କଥା।ସାରା ଓଡିଶାର ପିଲାଙ୍କ ଭିତରେ ମୋ ମାମୁ ସବୁଠୁ ଭଲ ପଢୁଥିଲେ ଏବଂ ବୃତ୍ତି ପାଇଥିଲେ ବୋଲି କହି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଥିଲି। ଆମ ମାମୁଙ୍କର ଗୋଟିଏ ଟ୍ରେନ ଅଛି ବୋଲି ବି ସାଙ୍ଗ ମାନଙ୍କ ଆଗରେ ଡହରାମି ମାରିଥିଲି । ସେମାନେ ମୋ କଥାକୁ ବିଶ୍ୱାସ ବି କରିଥିଲେ। ମାମୁଙ୍କର କୋଠାଘର, ପୁଣି ରାଜଦୂତ ମୋଟର ସାଇକେଲ ଅଛି। ତାହେଲେ କାହିଁକି ଟ୍ରେନ ଟିଏ ନଥିବ ଏମିତିଆ ଲୋକଙ୍କ ଘରେ? ଅବିଶ୍ୱାସ କରିବାର କାରଣ ବି ନଥିଲା। ସେଦିନ ବୋଧହୁଏ ମୋ ଜୀବନର ପରମ ସୌଭାଗ୍ୟ ଥିଲା। ମାମୁ ଆମଘରୁ ବାହାରିଲା ବେଳକୁ ମୋତେ ତାଙ୍କ ଗାଡ଼ିରେ ବସେଇ ନେଇଯିବେ ବୋଲି ଯେତେବେଳେ ଶୁଣିଲି ପ୍ରଥମେ ଯେତିକି ଖୁସି ହେଲି ପରେ ପରେ ସେତିକି ଭୟ ମୋତେ ଖାଇ ଗୋଡାଇଲା। ପ୍ରଥମ ଥର ପାଇଁ ସାଇକେଲ କ୍ୟାରିୟର ବସିବା ଛାଡି ମୋଟର ସାଇକେଲ ପଛରେ ବସିବାକୁ ଯାଉଥିଲି ତ ସେଇଥିପାଇଁ...! ବାହାରିଲା ବେଳକୁ ବୋଉ ମୋତେ ମାମୁଙ୍କ ପଛରେ ବସେଇ ଦେଲା ଏବଂ ମାମୁ ଙ୍କୁ ଜାବୁଡି ଧରିବାକୁ ପରାମର୍ଶ ଦେଲା। ମାମୁ ଗାଡି ଷ୍ଟାର୍ଟ କଲେ ତ ମୋ ଛାତିରେ ଛନକା ପଶିଲା।ମୋ ପଛରେ ଗୋଡ଼ୁଥିବା ପିଲାମାନେ ଟିକିଏ ସମୟ ପରେ ହତାଶ ହୋଇ ଠିଆ ହୋଇଗଲେ ଆଉ ମୁଁ ପକ୍ଷୀରାଜ ଘୋଡ଼ାରେ ବସିଲା ପରି ଉତଫୁଲ୍ଲିତ ହୋଇ ପଡୁଥିଲି। ଭୟ କଟିଯାଇଥିଲା ଏବଂ ମାମୁ ଘରେ ପହଞ୍ଚି ଯାଇଥିଲି ଅନାୟାସରେ। ଆଇଙ୍କର ଆଦର ସବୁଠୁ ନିଆରା ଥିଲା ସେତେବେଳେ। କେତେ ସବୁ ଭଲ ଜିନିଷ ଖାଇବା ଭିତରେ ମୋ ଆଖି ଲାଖି ଯାଇଥିଲା ଗୋଟିଏ ହର୍ଲିକ୍ସ ବୋତଲ ଉପରେ। ମାମୁଙ୍କ ପୁଅ ସୌଭାଗ୍ୟ ଯିଏ କି ମୋ ଠାରୁ ବର୍ଷ? ସାନ ହେବ ମୋ ଆଗରେ ବଖାଣୁଥିଲା ହର୍ଲିକ୍ସ ର ଉପାଦେୟତା ବିଷୟରେ। ସନ୍ଧ୍ୟା ବେଳକୁ ସୌଭାଗ୍ୟ ପାଇଁ ମାଇଁ ତିଆରି କଲେ ହର୍ଲିକ୍ସ।ଶିଶିଟିକୁ ଖୋଲିବା ଠାରୁ ଆରମ୍ଭ କରି ତାକୁ କ୍ଷୀରରେ ଗୋଳେଇବା ପର୍ଯ୍ୟନ୍ତ କାର୍ଯ୍ୟକ୍ରମକୁ ମୁଁ ନିରେଖି ଚାହିଁଥିଲି। ହେଲେ ସେଇ ଅମୂଲ୍ୟ ଜିନିଷ ମୋ ଭାଗ୍ୟରେ ଜୁଟି ନଥିଲା। ଅବ୍ୟକ୍ତ ଯନ୍ତ୍ରଣାରେ ମୁଁ ଛଟପଟ ହେଉଥିବାବେଳେ ସୌଭାଗ୍ୟ ସୁଡୁକେ ସୁଡୁକେ କରି ପିଉଥିଲା ହର୍ଲିକ୍ସ। ତା’ର ବାସ୍ନା ମୋତେ ଖୁବ୍ ବିମୋହିତ କରୁଥିଲା। ମୋ ଆତୁରତା ବୋଧହୁଏ ବୁଝି ପାରିଲେ ନାହିଁ ମାଇଁ।

–‘ ଶୁଭଟା ଦୁର୍ବଳ ତ ! ସେଇଥିପାଇଁ ତାକୁ ଏଇଟା ପିଇବାକୁ ଦେଉଛି।‘ କହିଲେ ମାଇଁ। ପାଣିଚିଆ ହସ ଟିକିଏ ଓଠରେ ମାଖି ଚୁପ୍ ରହିବା ଛଡା ମୋର ଆଉ କିଛି ଉପାୟ ନଥିଲା।

ଯେଉଁଦିନ ଘରକୁ ଫେରିଲି, ମାମୁ ଘରେ ଘଟିଥିବା ସେଇ ଅଘଟଣ କଥା ତତକ୍ଷଣାତ୍ ବୋଉ ଆଗରେ କହିଦେଲି। ମୁଁ ଭୁଲି ଯାଇଥିଲି ଯେ ମାମୁ ସେ ପର୍ଯ୍ୟନ୍ତ ଆମ ଘରେ ଅଛନ୍ତି ବୋଲି। ମାମୁ କିନ୍ତୁ ମୋ କଥା ସବୁ ଶୁଣି ଦେଇଥିଲେ।

–‘ ଜାଣିଲୁ ସାବି ( ବୋଉର ଡାକ ନାଁ), ଦୀପୁ ଯାହା କ?ହୁଛି ଠିକ୍ କଥା। ହେଲେ ଦୀପୁ ସହ ମୋର ସିନା ରକ୍ତର ସମ୍ପର୍କ ଅଛି,ତା ମାଇଁର କ’ଣ ସେ ସମ୍ପର୍କ ଅଛି?ତା ଠାରୁ ସେମିତି କିଛି ଆଶା କରିବା ବୃଥା। ମୁଁ ଆଉଥରେ ଆସିଲା ବେଳକୁ ଦୀପୁ ପାଇଁ ହର୍ଲିକ୍ସ ଟିଏ ଆଣିଦେବି।

ସବିଶେଷ ନବୁଝିଲେ ବି ସେମାନଙ୍କ କଥାର ସାରାଂଶ ମୁଁ ବୁଝି ଯାଇଥିଲି। ସେଦିନର କଥା ଆଜି ହଠାତ୍ ମନେ ପଡ଼ିଯିବାରୁ ମୁଁ ଅତୀତ ସହିତ ବର୍ତ୍ତମାନ କୁ ତଉଲୁଥିଲି।

ଯେଉଁ ଜଗନ୍ନାଥଙ୍କ ଶରଣରେ ମାମୁ ଆସି ପୁରୀରେ ରହିଥିଲେ ତାଙ୍କରି ପିଲା ଯେ ସେଇ ସଂସ୍କାରକୁ ତାଚ୍ଛଲ୍ୟ କରିଛନ୍ତି ମୁଁ ହୃଦୟଙ୍ଗମ କଲି। ଥରେ ଅବଶ୍ୟ ଏ ବିଷୟରେ ମୁଁ ତା ସହିତ କଥା ହୋଇଥିଲି ଅନେକ ଦିନ ଆଗରୁ।

–‘ ମୋର ଗୋଟିଏ ଅତୀତ ଥିଲା, ଯାହା ମୁଁ ଭୁଲି ସାରିଛି‘ ବୋଲି ସ୍ପଷ୍ଟ କହିଥିଲା ସୌଭାଗ୍ୟ। ସାନପୁଅ ସୌରଭ ନିଜ ପସନ୍ଦର ଝିଅକୁ ପ୍ରେମ ବିବାହ କରି ଅନ୍ୟତ୍ର ର?ହୁଥିଲା। ଓଡ଼ିଶାର ପ୍ରଖ୍ୟାତ ଶିଳ୍ପପତି ପ୍ରଫୁଲ୍ଲ ପଟ୍ଟନାୟକଙ୍କ ଏକମାତ୍ର କନ୍ୟାକୁ ବିବାହ କରି ତାଙ୍କର ଉତ୍ତରାଧିକାରୀ ସତ୍ତ୍ୱ ହାସଲ କରିବାର ଲୋଭକୁ ତୁଚ୍ଛ କରି ପାରିନଥିଲା। ଯେବେ ଚାହିଁଲେ ଗାଆଁରେ ଆମ ସହିତ ରହିବାକୁ ବାପାବୋଉଙ୍କ ନିମନ୍ତ୍ରଣକୁ ମାମୁ ମାଇଁ ଙ୍କ ହୃଦୟରେ ଯେ ଖୁସିର ଉଦବେଳନ ସୃଷ୍ଟି କରିଥିଲା ତାହା ମୋତେ ଅଛପା ନଥିଲା। ସେମାନଙ୍କ ଆଖିର ଛଳଛଳ ଭାବ ସେମାନଙ୍କର ବିବଶତାକୁ ବି ସ୍ପଷ୍ଟ କରୁଥିଲା...!!!

*କୁଞ୍ଜବିହାରୀ ଲେନ, କଟକ*
୯୪୩୮୧୭୫୫୪୨

# ଠାକୁର ଘର


ସୁଚରିତା ମହାନ୍ତି

ବୋଉ ଲ ତୁ କ’ଣ ଆଜି ଠାକୁରଘରୁ ବାହାରିବୁନି ।ସେଇ ଜେଜେଙ୍କ ଭଳି ତୁ ଢ଼ଙ୍ଗ ଧରିଲୁଣି । ଥରେ ପଶିଲେ ଆଉ ସବୁକଥା ପାଶୋରି ଦେଉଚୁ ।ଆଖିଆ ଅପିଆ ଏତେ ସମୟ ରହୁଚୁ ତୋ ଦେହ କଥା କେବେ ହେଲେ ଭାବୁନୁ ।
ତୁ କ’ଣ ଜାଣିନୁ ଆମେ ତ ବିନା ଚଳିପାରିବୁନୁ ବୋଲି !
କ’ଣ ଦରକାର କହ ।
ଏତେ ଫୁଲେଇ ହେଉଚୁ କାହିଁକି।
ତମ କଥା ତ ସବୁବେଳେ ବୁଝୁଚି ଆଉ କେତେ ବୁଝନ୍ତି!
ଠାକୁରଙ୍କ କଥା ପୁଣି କିଏ ବୁଝିବ କହିଲୁ ।
ବୋଉ ତୁ ଟା ପୁରା ହୁଣ୍ଡିଟା।
ଆଲ ବୋଉ ଠାକୁର ତ ଆମ କଥା ବୁଝିବା ପାଇଁ ଅଛନ୍ତି ପୁଣି ତାଙ୍କ କଥା ତୁ ବୁଝିବୁ !
ବୁବୁଲୁ ହସିହସି ଦାଣ୍ଡ ଆଡ଼? ଚାଲିଗଲା ।
ବୋଉ ପୁଣି ଠାକୁରଙ୍କ ସେବାରେ ମଗ୍ନ ।ବୋଉ ଗୁଣୁଗୁଣୁ ହୋଇ କେତେ ଭଜନ,ନାହିଁ ନଥିବା ମନ୍ତ୍ର କ’ଣ କ’ଣ ସବୁ କଥାବାର୍ତ୍ତା। ଠାକୁରଙ୍କ ସହିତ ହେଉଥାଏ।
ଧୂପ, ଦୀପ,ଫୁଲ, ଝୁଣା,ଭୋଗରାଗ କେଉଁଥିରେ କମି ନଥାଏ।ଦୁଇ ଘଂଟା ପାଖାପାଖି ଠାକୁରଙ୍କ ସେବାରେ ଲାଗିଥାଏ।ମନ ଶାନ୍ତି ନହେଲା ଯାଏ ସେ ଘରୁ ବାହାରେ ନାହିଁ।ଚନ୍ଦ୍ରକ ପାଣି ଟିକେ ତୁଣ୍ଡରେ ଦେଇ ମୁଣ୍ଡିଆ ମାରି ଆସିଲେ ତା’ପରେ ଆଉ ଯାହା।
ସାରା ସଂସାରର ସୁଖଶାନ୍ତି ସବୁ ତାଙ୍କରି ପାଖରେ।ହର୍ତ୍ତାକର୍ତ୍ତା ଭାଗ୍ୟ ବିଧାତା ସେଇ ସବୁ ।ତାଙ୍କ ବିନା ଅନୁମତିରେ କ’ଣ ପତ୍ରଟିଏ ହଲି ପାରିବ।
ତାଙ୍କୁ ଅଣଦେଖା କଲେ ଘୋର ପାପ ମୁଣ୍ଡେଇବା ସାର ହେବ।
ଶ୍ୱଶୁର ଥିଲେ ନୈଷ୍ଠିକ ବ୍ରାହ୍ମଣ ନିତ୍ୟକର୍ମ ସାରି ଜପତପ କରି ଠାକୁର ପୂଜାରେ ଦିନ ବିତି ଯାଉଥିଲା।ଟିକିଏ ବ୍ୟତିକ୍ରମ ହେଉନଥିଲା।ଯେତେବେଳେ ଯେଉଁ ପୂନେଇଁ ପର୍ବ ପଡୁଥିଲା ସେ?ହି ଅନୁସାରେ ବୋହୂ ଠାକୁରଙ୍କ ଲାଗି ଭୋଗ ତିଆରି କରୁଥିଲେ।ରଘୁନାଥ,ଶାଳଗ୍ରାମ,ଲକ୍ଷ୍ମୀ ନାରାୟଣ,ମା’ ଲକ୍ଷ୍ମୀଙ୍କ ପୂଜାବିଧି ରୀତିନୀତିରେ କୌଣସି ବିଘ୍ନ ନଘଟୁ ଏହାହିଁ ତାଙ୍କର ସବୁଠାରୁ ବଡ଼ କାମ ଥିଲା।କାଳକ୍ରମେ ସବୁଥିରେ ବ୍ୟତିକ୍ରମ ଦେଖାଦେଲାଣି।ଆଉ ସମ୍ଭବ ହେଉନି ଠାକୁରଙ୍କ ସେବା କରିବା ପାଇଁ।
କିଏ ଅଛି ଯେ,ବୁଝିବା ପାଇଁ। ଧୀରେ ଧୀରେ ସବୁ ବନ୍ଦ୍ ହେବାକୁ ବସିଲାଣି।
କର୍ପୂର ଉଡ଼ି ଗଲାଣି କନା ଖଣ୍ଡିକ ପଡ଼ି ରହିଚି,ଏବେ ସେ କନା ଖଣ୍ଡିକ ମଧ ଖତ ଖାଇବାକୁ ବସିଲାଣି।ମଣିଷ ଯଦି ସବୁକଥା ବୁଝି ପାରୁଥାନ୍ତା, ଭଲମନ୍ଦ ବିଚାର କରିବାର ଶକ୍ତି ଥାନ୍ତା ଆଜି ଏ ଦୁନିଆଁ ରେ କ’ଣ ଅନ୍ୟାୟ ଅନୀତି ବଢ଼ି ଥାଆନ୍ତା।
ଗାଁରେ ଗୋଟିଏ ବ୍ରାହ୍ମଣ ମିଳିଲେ ନାହିଁ ପୂଜା କରିବା ପାଇଁ। ଯିଏ ବି ଆସିଲେ ଠାକୁର ସହିତ ଠାକୁରଙ୍କ ବ୍ୟବହାର ବାସନକୁସନ ଚୋରିକରି ନେଇଗଲେ।ଆଉ ଉପାୟ କିଛି ନାହିଁ ତେଣୁ ନିଜକୁ ଠାକୁର ପୂଜା କରି ସନ୍ତୁଷ୍ଟ କରିବାକୁ ପଡ଼? ।
ପିଲାଛୁଆଙ୍କ ମଙ୍ଗଳ କାମନା କରି ବୋଉ ଠାକୁରଙ୍କୁ ତା’ ମନକଥା କହେ ।ମଣିଷ ଗୁଡ଼ିକ କେବେ ତା’ ମନକଥା ବୁଝିପାରନ୍ତିନି ବୋଲି ଯେଝା ବାଟେ ସବୁ ରହିଲେ।ଯେଉଁଠି ମଣିଷର ମୂଲ୍ୟ ନାହିଁ ସେଠି ଦିଅଁ ଦେବତାଙ୍କୁ ପଚାରେ କିଏ।
ଦିନ ପରେ ଦିନ ଗଡ଼ି ଚାଲିଥାଏ ।ଦେହ ଅବଶ ହେଉଥାଏ।ସେଇଥିରେ ଶ୍ୱଶୁରଙ୍କର ଥିବା ବିଶ୍ୱାସ ଓ ଭରସାକୁ ବୋଉ ପାଳନ କରୁଥାଏ।
ଠାକୁର ଘର ଲିପାପୋଛା ସାରି ଗାଧୋଇ ପାଧୋଇ ବୋଉ ଚାଲିଗଲା ଠାକୁରଙ୍କ ସେବା କରିବାକୁ।
ଶଂଖ,ଘଣ୍ଟି,ମନ୍ତ୍ରପାଠ ଗୋଟିଏ ପରେ ଗୋଟିଏ ଶୁଭୁଥାଏ।ଠାକୁର ଘରୁ ଚନ୍ଦନ,ଧୂପ,ଦୀପ,ଝୁଣାର ମହକରେ ଚାରିଆଡ଼? ମହକି ଉଠୁଥାଏ ।
ଲାଗେ ଯେମିତି ବୋଉ ହାତରୁ ପୂଜା ପାଇବାକୁ ଠାକୁର ଅନେଇ ବସିଥାନ୍ତି।
ବୋଉ ପୂଜା ସାରି ଠାକୁର ଘର କାଠ କବାଟରେ ଲାଗିଥିବା ଲୁହା ଝଞ୍ଜିରକୁ ଧରି ଜୋର କରି ଭିଡ଼ି ଆଣେ ।
କିନ୍ତୁ,ସେଦିନ---
ବୋଉ ପୂଜା ସାରି ଆଉ କବାଟ ଭିଡ଼ିବାର ଶବ୍ଦ ଶୁଭିନଥିଲା।
ଘରଟା ଭିତରେ କେମିତି କେମିତି ଲାଗୁଥିଲା।
ବୁବୁଲୁର ମନକୁ କ’ଣ ଆସିଲା କେଜାଣି ଘରଭିତରକୁ ବୋଉ ବୋଉ ଡାକ ମାରି ପଶିଗଲା।
କହିଲା ବୋଉ ଲ ତୁ କ’ଣ ପୂଜା ସାରିନୁ ।
ବୁବୁଲୁ ଦେଖିଲା ତା’ ବୋଉ ଆଣ୍ଠେଇ ଠାକୁରଙ୍କୁ ମୁଣ୍ଡିଆ ମାରୁଚି।
କହିଲା,ଓହୋ ତୁ ମୁଣ୍ଡିଆ ମାରୁଚୁ । ହେଉ ମୁଣ୍ଡିଆ ମାରି ଆସିଲେ ଖାଇବାକୁ ଦେବୁ ।
ବୁବୁଲୁ ପୁଣି ଯାଇ ଦାଣ୍ଡରେ ବସିଲା କିଛି ସମୟ ଯିବା ପରେ ଆଉ କିଛି ଶବ୍ଦ ପାଇଲାନି। ବୋଉ ଭୋଗ ଆଣି କହେ,ବୁବୁଲୁ ହାତ ମୁହଁ ଧୋଇ ଭୋଗ ଖାଇବୁ ଆ’ ।
ତା’ପରେ ଖାଇବୁ ।
କ’ଣ କଥା, ଆଜି ବୋଉ ଏତେ ଡେରି କାହିଁକି କରୁଚି !ପୁଣି ବୁବୁଲୁ ଉଠି ଯାଇ ଦେଖେତ ତା’ ବୋଉ ଯେମିତି ଆଣ୍ଠେଇ ମୁଣ୍ଡିଆ ମାରୁଥିଲା ସେମିତି ଆଣ୍ଠେଇ ରହିଚି।
ବୁବୁଲୁ ଯାଇ ବୋଉ ବୋଲି ଡାକି ଡାକି ବୋଉକୁ ହଲେଇ ଦେଲା । ବୋଉ ତା’ ଗୋଡ଼ ଉପରକୁ ଢଳି ପଡ଼ିଲା।କିଛି କଥା କି ହଲଚଲ ନଥିଲା।ବୁବୁଲୁ ଠାକୁର ଘରୁ ବୋଉକୁ ଟେକିଆଣି ବିଛଣାରେ ଶୁଆଇ ଜୋରେ ଜୋରେ ଡାକିବାକୁ ଲାଗିଲା।ହାତ ଗୋଡ଼ ଆଉଁସି ଦେଲା ହେଲେ ବୋଉ କ’ଣ ଆଉ ଅଛି! ବୁବୁଲୁ କାନ୍ଦି କାନ୍ଦି ସମସ୍ତଙ୍କୁ ଫୋନ କରି କହୁଥାଏ ବୋଉ ଆଉ ନାହିଁ। ଠାକୁର ତାକୁ ନେଇଗଲେ।
ବୋଉ ଲ ମୋ ଉପରେ ରାଗିଚୁ।ବୁବୁଲୁ ବୋଉ ଛାତି ଉପରେ ମୁହଁ ଜାକି କହୁଥାଏ,ତୁ ଯେତେ ପୂଜା କରିବା କଥା ତୁ କରିବୁ ମୁଁ ଆଉ ତୋତେ ନାହିଁ କରିବିନି।ଉଠିଯା’ ବୋଉ। ମୋତେ ଛାଡ଼ି ଯା’ନି । ଠାକୁରଙ୍କୁ ତୁ କ’ଣ ଏଇଥିପାଇଁ ପୂଜା କରୁଥିଲୁ ।ଏମିତି ଚାଲିଯିବୁ ବୋଲି।
ବୋଉ ଲ ତୋ ପୂଜା ଘରକୁ ଆଉ କିଏ ଯିବ।କିଏ ତୋ ଠାକୁରଙ୍କ ଅଳି ଅରଦ୍ଦଳି ଶୁଣିବ ।
ତୁ ପରା ଥିଲୁ ସେମାନଙ୍କ ମା’ ସାକ୍ଷାତ ଦେବୀ ଟିଏ।ତୋ ହାତରୁ ସେମାନେ ଭୋଗ ନପାଇବା ଯାଏ ତାଙ୍କ ପେଟ ପୁରିବନି କି ମନ ବୁଝିବନି ।ମୋ ପାଇଁ ନହେଲେ ନାଇଁ ଠାକୁରଙ୍କ ପାଇଁ ଫେରିଆ ।
ବୁବୁଲୁର କଥା ଆଉ ବୋଉକୁ ଶୁଭୁନଥିଲା । ସେ ଆରାମରେ ଶୋଇରହିଥିଲା ।

*ବାରିପଦା,ମୟୂରଭଞ୍ଜ*
୮୯୧୭୫୭୧୨୦୨

# ଭୁଲ ନା ଅପରାଧ ?


ପ୍ରୀତିସ୍ମିତା ଲେଙ୍କା

ଦୀପ୍ତି ଆଜି ଭାରି ଖୁସି । ଅଫିସରେ ମଧ୍ୟ ସମସ୍ତେ ତାକୁ ଘୁରି ଘୁରି ଚାହୁଁଛନ୍ତି କାହିଁକି ନା ସବୁବେଳେ ଗମ୍ଭୀର ଦିଶୁଥିବା ଦୀପ୍ତି ଆଜି ବିନା କାରଣରେ ମଝିରେ ମଝିରେ ମୁରୁକି ହସୁଛି । ଯିଏ ସବୁବେଳେ ତାର କାମକୁ ନେଇ ବହୁତ ସିରିଅସ୍ ଥାଏ ଆଜି ତା’ର କାମ କରିବାକୁ ଆଗ୍ରହ ନଥିଲା ପରି ଜଣା ପଡୁଛି । ଖାଲି ବାରମ୍ବାର ସମୟ ଦେଖୁଛି, କେମିତି ସମୟ ହୋଇଗଲେ ସେ ଘରକୁ ଯିବ । ସେ ତା’ର କାମକୁ ନେଇ ଯେମିତି ଗମ୍ଭୀର ସେମିତି ୱର୍କ-ପ୍ଲେସ୍ ର ନିୟମକୁ ମାନିବାରେ ସେ କେବେହେଲେ ଅବହେଳା କରେନି । ଅଫିସରେ ୱର୍କିଙ୍ଗ ଆୱାରରେ ଫୋନ୍ ନିଷେଧ । ତା’ର ଅନେକ ସହକର୍ମୀମାନେ ଏହା ନ ମାନି କଲ୍ କରନ୍ତି କିନ୍ତୁ ଦୀପ୍ତି କେବେ ସେମିତି କରେନି । ଅନେକ ଥର ଏଇଥିପାଇଁ ସେ ପରିହାସର ପାତ୍ର ମଧ୍ୟ ହୋଇଛି । ସମସ୍ତଙ୍କର ସେଇ ଗୋଟିଏ ପ୍ରଶ୍ନ ଆଜିକାଲିର ସୋସିଆଲ ମେଡ଼ିଆ ଯୁଗରେ ଯେଉଁଠି ଗୋଟିଏ ଘଣ୍ଟା ବିନା ଫୋନରେ ରହିବା ଅସମ୍ଭବ ପ୍ରାୟ ଲାଗେ, ସେଠି ଦୀପ୍ତି କିପରି ନିଜକୁ ଏତେ ଶୃଙ୍ଖଳିତ କରି ରଖିପାରୁଛି , ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ମଧ୍ୟ କରେ । ଆଜି ମଧ୍ୟ ତା’ର ସେହି ଅଭ୍ୟାସ ବଦଳିନାହିଁ । ଆଜି ତା’ର ଖୁସିକୁ ସେ ନିଜ ଲୋକମାନଙ୍କ ମଧ୍ୟରେ ବାଣ୍ଟିବାକୁ ଚାହିଁଲେ ମଧ୍ୟ, ସେ ଅପେକ୍ଷା କରିଛି ତାର ଅଫିସ ଆୱାର୍ କେତେବେଳେ ସରିବ ଆଉ ସେ ପରିବାର ଲୋକଙ୍କ ସାଙ୍ଗରେ ଫୋନରେ କଥା ହେବ। ଅପେକ୍ଷାର ଅନ୍ତ ହେଲା ଆଉ ରୁମ୍ କୁ ଫେରି ସାଙ୍ଗେ ସାଙ୍ଗେ ସେ ଘରକୁ ଫୋନ କଲା । ସବୁଦିନ ଭଳି ବୋଉ ଫୋନ ଉଠେଇ କହିଲା , ‘ହଁ , କଣ ଘରକୁ ଫେରିଲୁଣି କି ? ଆଜି କଣ ଏତେ ଶୀଘ୍ର ଫୋନ କରିଦେଲୁ ? ସବୁ ଠିକ ଅଛି ତ ? ‘ ଦୀପ୍ତି ଆଉ କାଳ ବିଳମ୍ବ ନ କରି ଏକା ନିଶ୍ୱାସରେ ଦୁଇ ଦୁଇଟା ଖୁସି ଖବର ଗୋଟେ ପରେ ଗୋଟେ ବୋଉ ଆଗରେ କହି ଚାଲିଲା। ପ୍ରଥମତଃ ଆଜି ତାକୁ ତାର ବହୁପ୍ରତୀକ୍ଷିତ ପ୍ରମୋସନଟା ମିଳିଯାଇଛି । ଏଣିକି ସେ ଟିମ୍ ମ୍ୟାନେଜର ଭାବରେ କାମ କରିବ ଆଉ ଦ୍ୱିତୀୟ ଖବରଟା ହେଉଛି ସେ ଆଜି ତାର ଖଡୁସ୍ ବସ୍ ଠାରୁ ଏଥର ଗୋଟେ ଲମ୍ବା ଛୁଟି ମଞ୍ଜୁର କରି ଆଣିଛି । ଅନେକ ଦିନ ପରେ ସେ ଘରକୁ ଯିବ ଆଉ ପରିବାର ଓ ସାଙ୍ଗ ସାଥୀଙ୍କ ସହ କିଛି ଖୁସିର ମୁହୂର୍ତ୍ତ ସାଉଁଟି ଆଣିବ ସ୍ମୃତି ଭାବରେ । ବହୁ ଦିନ ଆଗରୁ ଦୀପ୍ତି ପ୍ଲାନ କରିଥିଲା ଏଇ ଛୁଟି ପାଇଁ । ଯାହା ହଉ ଏଥର ତାକୁ ଆଉ ଟିକେଟ କ୍ୟାନସେଲ୍ କରିବାକୁ ପଡିବନି । ଏଥର ରଜରେ ସେ ମନଭରି କିଛିଦିନ ରହିପାରିବ ନିଜ ପରିବାର ସାଙ୍ଗରେ । ଏବେଠାରୁ ଦୀପ୍ତି ମନ ଭିତରେ ତାର ପୁରୁଣା ସ୍ମୃତି ସବୁ ଆସି ଯାଉଥାଏ ।

ପ୍ରାୟ ଦଶ ବର୍ଷ ବିତି ଗଲାଣି ଏ ମଧ୍ୟରେ ଯେବେଠାରୁ ଦୀପ୍ତି ଘର ଛାଡ଼ି ତାର କର୍ମ କ୍ଷେତ୍ରରେ ଓଡିଶା ବାହାରେ ରହୁଛି । ଏଇ ଦଶ ବର୍ଷ ଭିତରେ କେବେ ସେ ସୁଯୋଗ ଆସିନାହିଁ କି ,ସେ ରଜ ସମୟ ରେ ଘରକୁ ଆସିଛି । ଯାହା ହେଉ, ଏଇ ବର୍ଷ ତ ସେ ଦଶ ବର୍ଷର କ୍ଷତି ପୂରଣ କରିନେବ । ଏବେ ବି ତାର ମନେ ପଡୁଛି କେତେ ଆନନ୍ଦର ଦିନ ଥିଲା ସେ ସବୁ । ସମ୍ବଳ ସିନା କମ ଥିଲା କିନ୍ତୁ ସେଇ ସ୍ୱଳ୍ପ ସମ୍ବଳରେ ମଧ୍ୟ ହୃଦୟ ଭରି ଯାଉଥିଲା ଅପାର ଖୁସିରେ ଯାହା ଆଜି ପୁଳା ପୁଳା ଟଙ୍କା ଥିଲେ ମଧ୍ୟ ମିଳିବ ନାହିଁ । ଦୀପ୍ତି ସେ ଦଶ ପନ୍ଦର ବର୍ଷ ତଳର ସ୍ମୃତିରେ ହଜି ଯାଇଥିଲା ।

ରଜ ତାର ସବୁଠାରୁ ପ୍ରିୟ ପର୍ବ ଥିଲା। ଖାଲି ଯେ ରଜ ଛୁଟି ତିନିଦିନ ରଜ ମଉଜ ହେଉଥିଲା ତା ନୁହେଁ ବରଂ ଏଇ ପର୍ବର ଗୁରୁତ୍ୱଟି ବହୁତ ଆଧୁନିକ ଏବଂ ଅଗ୍ରଗାମୀ ଥିଲା। ଏହି ପର୍ବର ମୂଳ ଅର୍ଥ ଥିଲା ଏମତି, ଯାହା ନାରୀତ୍ୱ (ୱିମେନ୍ ହୁଡ୍) ର ସ୍ୱୀକୃତି ଓ ସମ୍ମାନକୁ ଉତ୍ସବର ରୂପ ଦେଇଥିଲା । ଆଜି ଯେଉଁ ବିଚାରକୁ ଆଧୁନିକ ସମାଜ ପୁନଃ ପ୍ରଚାର କରୁଛି, ସେହି ଚିନ୍ତାଧାରା ତ ଏହି ରଜ ପର୍ବର ମୂଳ ଆଧାର ଥିଲା । ବେଳେ ବେଳେ ଲାଗେ, ସମ୍ଭବତଃ ପୁରୁଣା ଦିନରେ ଲୋକମାନେ ବର୍ତ୍ତମାନ ଅପେକ୍ଷା ଅଧିକ ଉନ୍ନତ ଏବଂ ଉଦାରବାଦୀ ଥିଲେ । ଲାଗେ , ଯେପରି ସେମାନଙ୍କର ଦୃଷ୍ଟିକୋଣ ବହୁତ ଉନ୍ନତ ଓ ଗଭୀର ଥିଲା । ଆଜି ଓଡ଼ିଶାକୁ ଅବିକଶିତ ରାଜ୍ୟମାନଙ୍କ ତାଲିକାଭୁକ୍ତ କରା ଯାଉଥିବା ସତ୍ତ୍ୱେ, ପ୍ରାଚୀନକାଳରୁ ଓଡ଼ିଶା ସ୍ତ୍ରୀତ୍ୱ କୁ ଉତ୍ସବ ଭାବେ ପାଳନ କରିବାରେ ସବୁବେଳେ ଆଗୁଆ ଥିଲା ଏବଂ ଏଇଥିପାଇଁ ଦିପ୍ତୀ ସଦା ସର୍ବଦା ନିଜ ମାଟି ଆଉ ସଂସ୍କୃତିକୁ ନେଇ ଗର୍ବିତ ଥିଲା । ଆଜିର ଓଡ଼ିଆ ଯୁବପୀଢ଼ି ଯେତେବେଳେ ନିଜକୁ ଓଡିଆ ବୋଲି ପରିଚୟ ଦେବାପାଇଁ ସଂକୋଚ କରନ୍ତି , ଓଡ଼ିଆ ଭାଷାକୁ ଅପଭ୍ରଂଶ କରି ସେଥିରେ କିଛି ହିନ୍ଦୀ ଓ ଇଂରାଜୀ ଶବ୍ଦ ମିଶାଇ କହିବାରେ ବେଶ୍ ଗର୍ବ ଅନୁଭବ କରନ୍ତି, ସେଭଳି ପରିସ୍ଥିତିରେ ଦୀପ୍ତି ତା’ର ମାତୃଭାଷା କୁ ନେଇ ବହୁତ ଗର୍ବିତ । ନିଜ ମାତୃଭୂମିର ସଂସ୍କୃତି, ଭାଷା ,ଅର୍ଥନୈତିକ ପରିସ୍ଥିତି କିମ୍ବା ରାଜ୍ୟର ଅନ୍ୟ କୌଣସି ଚଳିତ ସମସ୍ୟାକୁ ନେଇ କେହି କିଛି ଅପମାନଜନକ ମନ୍ତବ୍ୟ ଦେଲେ ସେ କେବେହେଲେ ସେମାନଙ୍କ ସହିତ ତର୍କ କରିବାକୁ ପଛାଏ ନାହିଁ।

ତେବେ ଆଜି ଯେତେବେଳେ ଛୁଟି ମଞ୍ଜୁର ହୋଇଯାଇଛି ଦୀପ୍ତି ର ପାଦ ତଳେ ଲାଗୁନି । ଏଥର ସେ ବହୁଦିନ ପରେ ଘରକୁ ଯାଉଛି ତା ପୁଣି ରଜ ସମୟରେ । ପିଲା ଦିନରୁ ଆରମ୍ଭ କରି ଚାକିରୀକୁ ଯିବା ପର୍ଯ୍ୟନ୍ତ ସେ ଅନେକ ରଜ କାଟିଛି ନିଜ ପରିବାର ଆଉ ସାଙ୍ଗସାଥୀ ମାନଙ୍କ ସହିତ । ସେ ସବୁର ସ୍ମୃତି ଆଜି ଆଖି ଆଗରେ ଭାସି ଯାଉଛି ତା’ର । ସବୁବେଳେ ପ୍ରାୟ ମାସେ ଆଗରୁ ଦୀପ୍ତିର ରଜ ପ୍ରସ୍ତୁତି ଚାଲିଥାଏ । ନୂଆ ଡ୍ରେସ୍ ପାଇଁ ମିଳିଥିବା ସେ ପାଞ୍ଚଶହ କି ହଜାର ଟଙ୍କା ବି ବହୁତ ଲାଗେ ସେତେବେଳେ । ସକାଳ ଦଶଟା ଭିତରେ, ଦୋକାନ ଖୋଲିବା ଆଗରୁ ବାହାରି ଯାଆନ୍ତି ଦୀପ୍ତି ଆଉ ତାର ସାଙ୍ଗ ସୁକ୍ତି । ଦିନ ସାରା ମାର୍କେଟ ବୁଲି ବୁଲି ସନ୍ଧ୍ୟା ରେ ଚାଟ୍ ଗୁପ୍ ଚୁପ୍ ଖାଇ ଘରକୁ ଫେରିବାରେ ଯୋଉ ମଜା, ତାହା ଆଜି କାଲି ର ଅନ୍ ଲାଇନ୍ ସପିଂ ରେ କାହିଁ ? ଦୀପ୍ତିର ପିଲା ଦିନର ସାଙ୍ଗ ହେଉଛି ପଡିଶା ଘରର ସୁକ୍ତି । ଦୀପ୍ତି ଆଉ ସୁକ୍ତିର ବାପା ଗୋଟିଏ ଅଫିସରେ କାମ କରନ୍ତି । ଦୁଇ ପରିବାର ପଡିଶା ଘର ଭାବେ କମ୍ ବରଂ ଗୋଟିଏ ପରିବାର ପରି ଚଳନ୍ତି । ସେଇ ଘରେ ପ୍ରାୟ ୩୦ ବର୍ଷ ବିତିଗଲାଣି ଦୁଇ ପରିବାରଙ୍କର ଏକାଠି ହୋଇ ଚଳିବା । ସବୁ ଭଲ ମନ୍ଦରେ ଦୁହେଁ ଦୁହିଁଙ୍କ ସାଙ୍ଗରେ ଥାଆନ୍ତି । ଦୀପ୍ତି ଏବଂ ସୁକ୍ତି ଏକା କ୍ଲାସରେ ପଢନ୍ତି । ସମବୟସ୍କ ହୋଇ ଥିବାରୁ ଦୁହିଁଙ୍କର ବନ୍ଧୁତ୍ୱ ଖୁବ୍ ନିବିଡ଼ । ଏବେ ଯେମିତି ସାଙ୍ଗ ହୋଇ ସ୍କୁଲ୍ ଯାଉଥିଲେ ଆଉ କିଛି ବର୍ଷ ମଧ୍ୟରେ ଦୁଇ ଜଣ ପୁଣି କଲେଜରେ ଏକା ସାଙ୍ଗରେ ପାଦ ଦେଲେ । ସୁକ୍ତି ଦେଖିବାକୁ ବହୁତ ସୁନ୍ଦର, ରଙ୍ଗ ତାର ସଫା, ତୀକ୍ଷ୍ଣ ନାକ, ଢ଼ଳଢ଼ଳ ଆଖି , ସୁନ୍ଦର ଲମ୍ବା କଳା ମଚ୍‌ମଚ୍ କେଶ, ଆକର୍ଷଣୀୟ ଚେହେରା । ଦୀପ୍ତି କିନ୍ତୁ ଦେଖିବାକୁ ସାଧାରଣ , ରଙ୍ଗ ଟିକିଏ ମଳିନ । ଯେତେବେଳେ ସୁକ୍ତି ଦୀପ୍ତି ଘର କୁ ଆସେ, ଦୀପ୍ତିର ବୋଉ ଆସୁଣୁ ଯାଉଣୁ ତାକୁ ମୁଣ୍ଡଠାରୁ ଗୋଡଯାଏ ଉଣ୍ଡି ପକାନ୍ତି । ଆଉ ତାପରେ କିଛିଦିନ ଯାଏ ଦୀପ୍ତି ଗାଧେଇବାକୁ ଯିବା ଆଗରୁ ହଳଦୀ ବେଶନର ଗୋଟିଏ ଗିନା ଗାଧୁଆ ଘର ଭିତରେ ପହଞ୍ଚି ଯାଇଥାଏ । ଦୀପ୍ତି ଏସବୁ ଦେଖି ଚିଡ଼ି ଚିଡ଼ି ହେଲେ ମଧ୍ୟ ବୋଉର ମନ ଦୁଃଖ ହେବ ବୋଲି କିଛି କହେ ନାହିଁ । ମାଆ ମନ ତ, ସବୁବେଳେ ଚାହୁଁ ଥାଏ ଦୀପ୍ତିର ରଙ୍ଗ ଟିକେ ସଫା ହୋଇଯାଆନ୍ତା କି ସୁକ୍ତି ଭଳି । ଅନ୍ୟ ସବୁ କ୍ଷେତ୍ରରେ ଦୀପ୍ତି କିନ୍ତୁ ସୁକ୍ତି ଠାରୁ ଆଗରେ । ସେ ପାଠରେ ହେଉ କିମ୍ବା ଅନ୍ୟ କୌଣସି ପ୍ରତିଭା ପ୍ରତିଯୋଗିତାରେ ହେଉ ଦୀପ୍ତି ସଦା ସର୍ବଦା ନିଜକୁ ଶ୍ରେଷ୍ଠ ବୋଲି ପ୍ରମାଣିତ କରି ଆସିଛି । କିନ୍ତୁ ଦୁଇ ଜଣଙ୍କ ମଧ୍ୟରେ କେବେହେଲେ ସେଭଳି ମନୋମାଳିନ୍ୟ ହୋଇ ନାହିଁ ବରଂ ଦୁଇ ଜଣ ପରସ୍ପରକୁ ବହୁତ ଭଲ ଭାବେ ବୁଝି ପାରନ୍ତି ।

ଦିନ ଗଡି ଚାଲେ । ନିଜର ଆକର୍ଷଣୀୟ ଚେହେରା ପାଇଁ ସୁକ୍ତି କଲେଜରେ ବହୁତ ପପୁଲାର ଥାଏ । ତା’ର ଟିକିଏ ସାନିଧ୍ୟ ପାଇବା ପାଇଁ ପିଲାମାନେ ଚାହିଁ ବସିଥାନ୍ତି । କିଛିଦିନ ପରେ କଲେଜରେ ଇଲେକ୍ସନରେ ପ୍ରଚାର କାମରେ ସାହାଯ୍ୟ କରିବା ପାଇଁ କିଛି ପିଲାମାନେ ସୁକ୍ତିକୁ ଅନୁରୋଧ କରନ୍ତି । ସୁକ୍ତି ସଦା ସର୍ବଦା ନିଜର ନିଷ୍ପତ୍ତିରେ ଦୀପ୍ତିର ପରାମର୍ଶ ଲୋଡ଼େ । ଦୀପ୍ତି ମଧ୍ୟ ସବୁବେଳେ ତାକୁ ଠିକ୍ ପରାମର୍ଶ ଦିଏ । କାହିଁକି କେଜାଣି ଏଥର ଦୀପ୍ତି ସେ ପିଲା ମାନଙ୍କ ସାଙ୍ଗରେ ସୁକ୍ତିକୁ ଯିବା ପାଇଁ ବାରଣ କରିବା ସତ୍ତ୍ୱେ ସୁକ୍ତି ସେମାନଙ୍କ ସାଙ୍ଗରେ ଯାଏ ଏବଂ ପ୍ରଚାର ମଧ୍ୟ କରେ । ଧୀରେ ଧୀରେ ସୁକ୍ତି ବହୁ ନୂଆ ନୂଆ ବନ୍ଧୁମାନଙ୍କ ସହ ବସା ଉଠା କରେ । କ୍ଲାସ ମିସ୍ କରେ । ସାଙ୍ଗ ହୋଇ ଘରୁ ବାହାରନ୍ତି ସତ କିନ୍ତୁ ଫେରିଲା ବେଳେ ଅଲଗା ଅଲଗା ସମୟରେ ଫେରନ୍ତି । ସୁକ୍ତିର ଅଜାଣତରେ ଦୀପ୍ତି ଯେ କେତେବେଳେ ତା ଠାରୁ ଦୂରେଇ ଯାଇଥାଏ ସେ ବୁଝି ପାରେନି । କିନ୍ତୁ ଦୀପ୍ତି ଏକାଗ୍ରଚିତ୍ତ ହୋଇ ପାଠ ପଢ଼ାରେ ନିଜକୁ ବ୍ୟସ୍ତ ରଖିଥାଏ । ସେପଟେ ସୁକ୍ତି ତାର କଲେଜ ଜୀବନକୁ ଭରପୁର ଉପଭୋଗ କରୁଥାଏ । ଯେଉଁ ସମୟକୁ ନିଜ ଭବିଷ୍ୟତ ଗଢିବାରେ ନିୟୋଜିତ କରିବା କଥା ସେଇ ମୂଲ୍ୟବାନ ସମୟକୁ ସେ ଆଉଟିଂ, ପାର୍ଟି, ଫଙ୍କ୍ସନରେ ନଷ୍ଟ କରିଚାଲିଥାଏ । ସୁକ୍ତି ଆଉ ଆଗ ଭଳି ପ୍ରତିଦିନ ବିନା କାରଣରେ ଦୀପ୍ତିକୁ ଆଉ କଲ୍ କରୁ ନଥାଏ କି ନିଜର ବ୍ୟକ୍ତିଗତ କଥା ମଧ୍ୟ ଆଉ ସେଆର କରୁ ନଥାଏ । ଯେତେବେଳେ ପାଠ ସମ୍ବନ୍ଧୀୟ କିଛି ଜରୁରୀ କାମ ପଡେ, ଦୀପ୍ତି ତା’ର ମନେପଡେ ।

କିଛିଦିନ ପରେ ପରୀକ୍ଷା ଫଳ ପ୍ରକାଶ ପାଏ ଏବଂ ପରେ ପରେ ବିଭିନ୍ନ କଲେଜରେ ଇଞ୍ଜିୟରିଙ୍ଗ୍ ଆଡ଼ମିଶନ ପାଇଁ ଦେଇ ଥିବା ଏଣ୍ଟ୍ରାନସ୍ ର ଫଳା ଫଳ ମଧ୍ୟ ବାହାରେ । ଦୀପ୍ତିକୁ ନିଜର କଠିନ ପରିଶ୍ରମର ଫଳ ସ୍ୱରୂପ ବହୁତ ଭଲ ମାର୍କ ମିଳେ ଏବଂ ଭଲ ରାଙ୍କ୍ ମଧ୍ୟ ଆସିଥାଏ । ଅପର ପକ୍ଷରେ ସୁକ୍ତିର ପରୀକ୍ଷା ଫଳ ଆଶାନୁରୂପ ହୁଏ ନାହିଁ । କୌଣସି ଭଲ କଲେଜରେ ଆଡ଼ମିଶନ ପାଇବା ପାଇଁ ଭଲ ରାଙ୍କ୍ ମଧ୍ୟ ଆସି ନଥାଏ । ଏବେ ବି ଦୀପ୍ତିର ମନେପଡେ, ସେ ସମୟରେ ସ୍ୱାଇଁ ଅଙ୍କଲ୍ (ସୁକ୍ତି ର ବାପା) କେତେ କଷ୍ଟରେ କେଉଁଠୁ ଟଙ୍କା ଯୋଗାଡ କରି ଡୋନେସନ ସିଟ୍ ରେ ଏକ ଭଲ କଲେଜରେ ନିଜର ଏକ ମାତ୍ର ଝିଅକୁ ଆଡ଼ମିଶନ କରେଇଥିଲେ ତାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ । ଦୀପ୍ତି ଅନ୍ୟ ଏକ କଲେଜରେ ଆଡ଼ମିଶନ ନିଏ । ଏଥର ଦୀପ୍ତି ଆଉ ସୁକ୍ତିର ଆଗ ଦେଖା ହୋଇ ପାରେନି । କେବେ କେମିତି ଛୁଟିଦିନ ମାନଙ୍କରେ କିଛି କାମ ଥିଲେ ସୁକ୍ତି ଦୀପ୍ତି ଘରକୁ ଚାଲିଆସେ । ସେତେବେଳେ ମଧ୍ୟ ସୁକ୍ତିର ନିଜର ପାଠ ପଢାକୁ ନେଇ ସେପରି ସିରିଅସନେସ୍ ଆସି ନଥିବାର ଦୀପ୍ତି ଜାଣିପାରେ । କଥା କଥାରେ ବହୁତ ବୁଝେଇବା ପାଇଁ ମଧ୍ୟ ଚେଷ୍ଟା କରେ କି ଏ ସବୁ ମଜାମସ୍ତି ସବୁ କ୍ଷଣସ୍ଥାୟୀ, ଯଦି ଗୋଟିଏ ଥର ନିଜର ଭବିଷ୍ୟତ ସଜାଡି ଦିଆଯାଏ , ପରେ ଜୀବନସାରା ନିଜ ଇଚ୍ଛାରେ ଜୀବନକୁ ଉପଭୋଗ କରିହେବ । ମଉସା ମାଉସୀଙ୍କ କଥା କହି ମଧ୍ୟ ବହୁତ ବୁଝାଏ କି କେତେ ଆଶାରେ ସେମାନେ ତା’ର ଭବିଷ୍ୟତ ପାଇଁ ନିଜର ସମସ୍ତ ଜମା ପୁଞ୍ଜିକୁ ବାଜି ଲଗେଇ ଦେଇଛନ୍ତି । ଅନ୍ତତଃ ସେମାନଙ୍କ କଥାକୁ ଭାବି ନିଜକୁ ସମୟ ଥାଉ ଥାଉ ସୁଧାରି ନେବା ଦରକାର । ସୁକ୍ତି ଉପରେ ଏସବୁର ବିଶେଷ କିଛି ପ୍ରଭାବ ପଡ଼ିଲା ପରି ଲାଗେନି । ଅଲଗା କଲେଜରେ ପଢ଼ିଲେ ମଧ୍ୟ ଦୀପ୍ତି ପାଖରେ ସୁକ୍ତିର ସବୁ ଖବର ରହିଥାଏ। ସମୟ ଗଡ଼ି ଚାଲିବା ସହିତ ଦୁହିଁଙ୍କର ଇଞ୍ଜିୟରିଙ୍ଗ୍ ର ଶେଷ ବର୍ଷ ଆସିଯାଏ । ଦୀପ୍ତି ତା’ର ଲକ୍ଷ୍ୟରେ ସଫଳ ହୋଇ ସାରିଥାଏ । ଏକ ଘରୋଇ କମ୍ପାନୀରେ ଦୀପ୍ତିର ଚାକିରୀ ପାଇଁ ସିଲେକ୍ସନ୍ ହୋଇ ଯାଇଥାଏ । କେବଳ ଫାଇନାଲ ଇଅରର ରେଜଲ୍ଟ ଆସିଲା ପରେ ଜଏନ୍ କରିବା ପାଇଁ ଦୀପ୍ତି ସୁଦୂର ବାଙ୍ଗାଲୁରୁ ଯିବା ପାଇଁ ଅପେକ୍ଷା କରିଥାଏ । ଏଇ ସମୟରେ ସୁକ୍ତି ନାଁରେ ଅନେକ କିଛି ଶୁଣିବାକୁ ମିଳେ । ସାଙ୍ଗସାଥୀଙ୍କ ସଙ୍ଗରେ ମିଶି କୌଣସି ଏକ ଅନୈତିକ କାର୍ଯ୍ୟରେ ଲିପ୍ତ ଥିଲା ବୋଲି ଖବରଟା ସାରା ସହରରେ ନିଆଁ ଭଳି ବ୍ୟାପି ଯାଇଥାଏ । ଏଥିପାଇଁ ସୁକ୍ତିକୁ କଲେଜରୁ ସସ୍ପ?ଣ୍ଡ ମଧ୍ୟ କରାଯାଇଥାଏ ।ସ୍ୱାଇଁ ଅଙ୍କଲ ସେହି ସମୟରେ କଲେଜ ଯାଇ ଅନେକ ନେହୁରା ନମସ୍ତ ହୋଇ, ଆପୋଲଜି ଲେଟର ଦେବାରୁ ସୁକ୍ତିକୁ ପରୀକ୍ଷା ଦେବା ପାଇଁ ଅନୁମତି ମିଳେ । ଏଇ ଘଟଣା ପରେ ସୁକ୍ତି ନିଜକୁ ସମସ୍ତଙ୍କ ଠାରୁ ଦୁରେଇ ଦେଇଥାଏ । ଜଣେ ଭଲ ସାଙ୍ଗ ପରି ଦୀପ୍ତି ଏଇ କଠିନ ସମୟରେ ସୁକ୍ତିର ପାଖେ ପାଖେ ଥାଏ । ମନେ ହୁଏ ଯେମିତି ସେ ନିଜ ଭିତରେ ପରିବର୍ତ୍ତନ ଆଣିବା ପାଇଁ ଚାହୁଁଚି। ସେଥିପାଇଁ ଚେଷ୍ଟା ମଧ୍ୟ କରେ । ସମୟ ଗଡି ଚାଲିବା ସହିତ ସମସ୍ତେ ଏ କଥା ଭୁଲି ଯାଆନ୍ତି । ଦୀପ୍ତି ମଧ୍ୟ ବାଙ୍ଗାଲୁରୁ ଚାଲିଯାଏ ଚାକିରୀ ରେ ଜଏନ କରିବା ପାଇଁ । ସୁକ୍ତି ଏଥର ମଝିରେ ମଝିରେ ଦୀପ୍ତିକୁ କଲ୍ କରି କଥା ହୁଏ । ବହୁତ ଅଧିକ ନ ହେଲେ ମଧ୍ୟ କିଛି କିଛି ତା ଜୀବନରେ କଣ ଚାଲିଛି ସେୟାର ମଧ୍ୟ କରେ । ଏ ଯାଏ ସୁକ୍ତି କୋଉଠି ମଧ୍ୟ ଜଏନ୍ କରିନାହିଁ। ମଝିରେ ଦୀପ୍ତି ଶୁଣିବାକୁ ପାଏ କି ସୁକ୍ତି ଏବେ କୁଆଡେ ଜଣେ ଖ୍ୟାତନାମା ୟୁଟୁବର୍ ହୋଇ ଗଲାଣି। ଲକ୍ଷ ଲକ୍ଷ ଫଲୋଅର ତାର। ଦୀପ୍ତି ମନରେ କୌତୁହଳ ଜାଗ୍ରତ ହୁଏ । ଅବଶ୍ୟ ବହୁ ଦିନ ହେବ ସୁକ୍ତି ତା ସହ କଥା ହେଇନି କିନ୍ତୁ କାହିଁକି ତାର ଏଇ ସଫଳତା ବିଷୟରେ ସେ ତାକୁ ଜଣେଇ ନାହିଁ, ଏହା ଭାବି ମନ ଭିତରେ ବହୁତ ଅଭିମାନ କରେ । ପୁଣି କିଛି ଦିନ ପରେ ନିଜ ମନକୁ ବୁଝାଇ ସୁଝାଇ ସୁକ୍ତିକୁ କଲ୍ କରେ ଏବଂ ତାକୁ ଅଭିନନ୍ଦନ ଜଣାଏ ତାର ସଫଳତା ପାଇଁ ଏବଂ ସୁକ୍ତି ଉପରେ ଅଭିମାନ ମଧ୍ୟ କରେ କି କାହିଁକି ସେ ଏଯାଏଁ ତାକୁ ଏ ବିଷୟ ରେ ଜଣେଇ ନ ଥିଲା । ସୁକ୍ତି ବେଶ୍ ସ୍ଥିର ହୋଇ ଦୀପ୍ତି ର କଥା ଶୁଣେ ଏବଂ ଦୀପ୍ତି କୁ ଦେଖା କରିବାକୁ ଇଚ୍ଛା ପ୍ରକାଶ କରେ । ବହୁ ବାଧ୍ୟ କରି ତାକୁ ରଜରେ ଓଡ଼ିଶା ଆସିବା ପାଇଁ କୁହେ। ପୁଣି ପୁରୁଣା ସମୟ କୁ ମନେ ପକାଇ ସେଇ ସମୟରେ ହଜି ଯିବାକୁ ଇଚ୍ଛା ହେଉଛି ବୋଲି କହେ। କାହିଁକି କେଜାଣି ସୁକ୍ତିର ଏଇ ଅଳି ପଛରେ କେବଳ ତାର ଇଚ୍ଛା ନୁହେଁ ବରଂ କିଛିଟା ଦୁଃଖ ଥିଲାପରି ଅନୁଭବ ହୋଇଥିଲା ଦୀପ୍ତିକୁ । ସେ ଅନୁଭବ କଲା ଯେମିତି ତାର ଅତି ପ୍ରିୟ ପିଲା ଦିନର ସାଙ୍ଗଟା ତାକୁ ଆଜି ଦରକାର କରୁଛି ତା ପାଖରେ । ସେଦିନ ଠାରୁ ଦୀପ୍ତି ଲାଗି ପଡ଼ିଥିଲା କିଭଳି ଭାବରେ କିଛି ଦିନର ଛୁଟି ମିଳି ଗଲେ ସେ ଯେତେ ଶୀଘ୍ର ଧାଇଁ ଯିବ ତା ସାଙ୍ଗ ପାଖକୁ । ଯିବା ଦିନ ଯେତେ ପାଖେଇ ଆସୁଥାଏ, ସେତେ କଷ୍ଟ ହେଉଥାଏ ଦିନ କାଟିବା । ଶେଷରେ ସେ ଦିନ ଆସିଗଲା । ୧୩ ଜୁନ୍ ସନ୍ଧ୍ୟା ପ୍ରାୟ ୭ .୩୦ ରେ ଦୀପ୍ତି ଭୁବନେଶ୍ୱର ଏଆରପୋର୍ଟରେ ପହଞ୍ଚି ଯାଏ । ଲ୍ୟାଣ୍ଡ କରୁ କରୁ ବାପା ଙ୍କର କଲ୍ ଆସିଯାଏ । ଦୀପ୍ତି ଭାବେ ହଁ, ଯେମିତି ସବୁବେଳେ ବାପା ସମୟ ପୂର୍ବରୁ ନେବା ପାଇଁ ଆସି ଯାଇଥାନ୍ତି ସେମିତି ଆସି ଯାଇଥିବେ ଆଉ ବାହାରେ ଅଛନ୍ତି ବୋଲି କହିବେ । ଫୋନ୍ ରିସିଭ୍ କରିବା ବେଳକୁ ବାପା କିନ୍ତୁ ଭିନ୍ନ କଥା କୁହନ୍ତି । ଦୀପ୍ତିକୁ କ୍ୟାବ୍ ରେ ଆସିଯିବା ପାଇଁ କୁହନ୍ତି କାରଣ ସେ କିଛି ଜରୁରୀ କାମରେ ବାହାରକୁ ଯାଇଛନ୍ତି । ଦୀପ୍ତି ମଧ୍ୟ ହଁ ଭରିଦିଏ ଛ ସେମିତି ବି ରାତିରେ କାହିଁକି ବାପା ଏତେ ବାଟ ଗାଡ଼ି ଧରି ଆସି ଥାଆନ୍ତେ, ସେ ବି ତ ସବୁବେଳେ ମନା କରେ ତାଙ୍କୁ, କି ଆଜି କାଲି ତ ଗୋଡ଼ ପାଖକୁ ଗାଡ଼ି ଆସି ଯାଉଛି, ଏତେ ବାଟ ଡ୍ରାଇଭ୍ କରି ଆସିବା କଣ ଦରକାର । ଦୀପ୍ତି କ୍ୟାବ୍ ବୁକ୍ କରି ରାସ୍ତାରେ ଆସିଲା ବେଳେ ବାପାଙ୍କ କଥା ତା ମନରେ ବାରମ୍ବାର ଆସୁଥାଏ । ବାପା ତାକୁ ଏଆରପୋର୍ଟରୁ ନେବାକୁ ନ ଆସିବା ଟା କାହିଁକି କେଜାଣି ତାକୁ ସାମାନ୍ୟ ଲାଗୁ ନଥାଏ । କ୍ୟାବ୍ ଯାଇ ଘର ପାଖରେ ପହଞ୍ଚିଲା । ଗାଡ଼ିରୁ ବାହାରି ଦୀପ୍ତି ଦେଖେ ଘର ପାଖରେ ଲୋକ ଗହଳି । ସାମ୍ବାଦିକମାନେ ନିଜ ନିଜର କ୍ୟାମେରା ଧରି ପଡ଼ିଶା ଲୋକଙ୍କଠାରୁ ବାଇଟ୍ ନେବାରେ ବ୍ୟସ୍ତ । ଘର ସାମନାରେ ପୋଲିସ ଭ୍ୟାନ୍ ଦେଖି , ଦୀପ୍ତି ମନରେ ଏକ ଅଜଣା ଭୟ ସଂଚାରଣ ହେଲା । ପାଖକୁ ଯାଇ ଦେଖେ ତ ସବୁ ସନ୍ଦେହ ଦୂର ହେଲା ଏବଂ ଜାଣିବାକୁ ପାଇଲା ଯେ ଏସବୁ ଗହଳି ତାଙ୍କ ଘର ଆଗରେ ନୁହେଁ ବରଂ ସୁକ୍ତିଙ୍କ ଘର ଆଗରେ ହୋଇଛି ।

ଜୀବନର ସେଇ କିଛି ମୁହୂର୍ତ୍ତରେ କାହିଁକି ମଣିଷ ଏତେ ଦୁର୍ବଳ ଏବଂ ସ୍ୱାର୍ଥପର ହୋଇଯାଏ ? ନିଜେ ତ ମୁକ୍ତି ପାଇଯାଏ ଯନ୍ତ୍ରଣାରୁ, କିନ୍ତୁ ଛାଡିଚାଲି ଯାଏ ଏକ ଅମାପ ଦୁଃଖ ଓ ଅପୂରଣୀୟ ଶୂନ୍ୟତା , ତା’ର ନିଜ ଲୋକ ମାନଙ୍କ ପାଇଁ । ଏକ ଶିକ୍ଷିତ ମଣିଷ ପକ୍ଷରେ ଏଭଳି ନିଷ୍ପତ୍ତିକୁ ଆଜିର ସମାଜ ଏକ ଭୁଲ ବୋଲି କହି ଏଡେଇ ଦେଇ ଯିବ ନା ଏକ ସାଙ୍ଘାତିକ ଅପରାଧ ମନେକରି ଦୋଷୀକୁ ଆଇନ ଅନୁସାରେ ଦଣ୍ଡ ଦେବା ପାଇଁ ଆଗେଇ ଆସିବ ??

*ନବି ମୁମ୍ବାଇ, ମହାରାଷ୍ଟ୍ର*
ମୋ: ୦୭୦୧୬୦୦୪୮୪୩

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

Bhubaneswar Sunday July 13 | ଭୁବନେଶ୍ୱର ରବିବାର, ୧୩, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com 

## ଯୁବପିଢ଼ିଙ୍କ ପାଇଁ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫର ନୂଆ ଉତ୍ପାଦ

ଭୁବନେଶ୍ୱର,(ପି.ଏନ) : ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସ ପକ୍ଷରୁ ଆଇସିଆଇସିଆଇ ପ୍ରୁ ସ୍ମାର୍ଟ ଇନ୍ସୁରାନ୍ସ ପ୍ଲାନ ପ୍ଲସ ଲଂଚ କରାଯାଇଛି, ଏହା ହେଉଛି ଏକ ବଜାର ସଂଯୋଜିତ ଉତ୍ପାଦ ଯାହାକୁ ଗ୍ରାହକଙ୍କୁ ଦୀର୍ଘାବଧିରେ ସମ୍ପତି ନିର୍ମାଣ ପାଇଁ ସକ୍ଷମ କରିବା ଲାଗି ଡିଜାଇନ କରାଯାଇଛି। ଏହି ଉତ୍ପାଦକୁ ମାସିକ କେବଳ ୧୦୦୦ ଟଙ୍କାର ସର୍ବନିମ୍ନ ପ୍ରିମିୟମ ସହିତ କ୍ରୟ କରାଯାଇପାରିବ, ଯାହା ବହୁ ସଂଖ୍ୟକ ଯୁବ ଗ୍ରାହକଙ୍କୁ ବ୍ୟବସ୍ଥାଗତ ଭାବେ ନିବେଶ କରିବା ଓ ନିଜର ଦୀର୍ଘାବଧି ଆର୍ଥିକ ଲକ୍ଷ୍ୟକୁ ହାସଲ କରିବା ପାଇଁ ସକ୍ଷମ କରୁଛି। ଉତ୍ପାଦରେ ଥିବା ଲାଇଫ କଭର ଉପାଦାନ ଗ୍ରାହକଙ୍କ ପରିବାର ଯେପରି ଆର୍ଥିକ ରୂପେ ସୁରକ୍ଷିତ ରହିବ ତାହା ନିଶ୍ଚିତ କରିଥାଏ। ଏହି ଅବସରରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସର ମୁଖ୍ୟ ଉତ୍ପାଦ ଓ ବିତରଣ ଅଧିକାରୀ ଶ୍ରୀଯୁକ୍ତ ଅମିତ ପାଲ୍ଟା କହିଛନ୍ତି, ‘ଡିଜାଇନ ଦୃଷ୍ଟିରୁ ୟୁଲିପ୍ ଏକ ପ୍ରଭାବଶାଳୀ ସମ୍ପତି ସୃଷ୍ଟି ଟୁଲ୍ ଅଟେ ଏବଂ ଯୁବପିଢ଼ିଙ୍କୁ ଶୀଘ୍ର ନିବେଶ ଆରମ୍ଭ କରିବା ଓ ଦୀର୍ଘାବଧି ପାଇଁ ନିବେଶ ବଜାୟ ରଖିବା ପାଇଁ ପ୍ରୋତ୍ସାହିତ କରିବା ଲାଗି ଆମେ ଆଇସିଆଇସିଆଇ ପ୍ରୁ ସ୍ମାର୍ଟ ଇନ୍ସୁରାନ୍ସ ପ୍ଲାନ ପ୍ଲସ୍ ଲଂଚ କରିଛୁ। ଏହି ମୂଲ୍ୟସାପେକ୍ଷ ଓ ଟିକସ-ଦକ୍ଷ ଉତ୍ପାଦ ଯୁବପିଢ଼ିଙ୍କୁ ମାସିକ ସର୍ବନିମ୍ନ ୧୦୦୦ ଟଙ୍କାର ସୁଲଭ ନିବେଶ ସହିତ ଶୀଘ୍ର ଆରମ୍ଭ କରିବା ପାଇଁ ଅନୁମତି ଦେଉଛି। ଆମେ ଏକ ସମ୍ପୂର୍ଣ୍ଣ ଡିଜିଟାଲ କ୍ରୟ ଯାତ୍ରାକୁ ସକ୍ଷମ କରିଛୁ। ‘ଆଇସିଆଇସିଆଇ ପ୍ରୁ ସ୍ମାର୍ଟ ଇନ୍ସୁରାନ୍ସ ପ୍ଲାନ ପ୍ଲସ ଗ୍ରାହକଙ୍କୁ ଚୟନ କରିବା ପାଇଁ ୨୫ଟି ଫଣ୍ଡର ଏକ ଶୃଙ୍ଖଳା ଓ ୪ଟି ପୋର୍ଟଫୋଲିଓ ପ୍ରଦାନ କରୁଛି। ଏହାବ୍ୟତୀତ ଗ୍ରାହକମାନେ ବିନା କୌଣସି ମୂଲ୍ୟ କିମ୍ବା ଟିକସରେ ଗୋଟିଏ ଫଣ୍ଡରୁ ଅନ୍ୟ ଫଣ୍ଡକୁ ସ୍ୱିଚ୍ କରି ନିଜର ସମ୍ପତି ଆବଂଟନକୁ ସୁବ୍ୟବସ୍ଥିତ କରିପାରିବେ। ଏହି ଉତ୍ପାଦ ଗ୍ରାହକଙ୍କୁ ଏକ ଲାଇଫ କଭର୍ ଆକାରରେ ଆର୍ଥିକ ସୁରକ୍ଷା ଦେଉଛି। ଗ୍ରାହକମାନେ ପ୍ରିମିୟମ ଆଡ୍-ଅନ ଲାଭ ଛାଡ କରିବା ପାଇଁ ଚୟନ କରିପାରିବେ, ଯାହା ବୀମାଧାରକଙ୍କ ଅନୁପସ୍ଥିତିରେ ମଧ୍ୟ ଦୀର୍ଘକାଳିନ ସଂଚୟ ଲକ୍ଷ୍ୟ ଯେପରି ଟ୍ରାକରେ ରହିବ ତାହା ନିଶ୍ଚିତ କରିପାରିବ। ଶ୍ରୀଯୁକ୍ତ ପାଲ୍ଟା ଆହୁରି ମଧ୍ୟ କହିଛନ୍ତି, ‘ଏହି ଉତ୍ପାଦର ଲଂଚ ଗ୍ରାହକଙ୍କ ବିକଶିତ ଆବଶ୍ୟକତାକୁ ପୂରଣ କରୁଥିବା ଉତ୍ପାଦଗୁଡିକୁ ବିକଶିତ କରିବା ଉପରେ ଆମର ଧ୍ୟାନକୁ ସୁଦୃଢ କରିଛି। ଏହା ଏକ କଷ୍ଟ-ଇଫେକ୍ଟିଭ ଟୁଲ ଯାହା ଲୋକଙ୍କୁ ନମନୀୟତା, ସ୍ୱଷ୍ଟତା ଓ ମାନସିକ ଶାନ୍ତି ସହିତ ନିଜସ୍ୱ ସର୍ତରେ ନିଜ ଭବିଷ୍ୟତ ପାଇଁ ଯୋଜନା ପ୍ରସ୍ତୁତ କରିବା ଲାଗି ସଶକ୍ତ କରିଥାଏ।‘



କମିଟିର ସମ୍ପାଦକ ଓ ବିଶିଷ୍ଟ ସମାଜସେବୀ ରବୀନ୍ଦ୍ରନାଥ ପ୍ରଧାନ ଏବଂ ମନ୍ଦିର କମିଟିର ସଦସ୍ୟ ମାନେ ନୂଆଦିଲ୍ଲୀର ଅଶୋକା ହୋଟେଲ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳ ସାକ୍ଷାତ କରୁଛନ୍ତି ।

## ଆଇସିସି ଟେଷ୍ଟ ରାଙ୍କିଙ୍ଗ: ଲମ୍ଵା ଡିଆଁ ମାରିଲେ ଶୁବମନ ଗିଲ




ଭୁବନେଶ୍ୱର,(ପି.ଏନ) ଇଂଲଣ୍ଡ ବିପକ୍ଷରେ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ଦ୍ୱିତୀୟ ଟେଷ୍ଟରେ ରେକର୍ଡ-ବ୍ରେକିଂ ପ୍ରଦର୍ଶନ ପରେ ସଦ୍ୟ ପ୍ରକାଶିତ ଆଇସିସି ପୁରୁଷ ଟେଷ୍ଟ ବ୍ୟାଟିଂ ରାଙ୍କିଙ୍ଗରେ ୧୫ଟି ସ୍ଥାନ ଡେଇଁ ସିଧା ଟପ୍ ? ଟେନ୍ ?ରେ ପହଞ୍ଚି ଯାଇଛନ୍ତି ଭାରତୀୟ ଟିମ୍‌ର ଅଧିନାୟକ ଶୁବମନ ଗିଲ୍ ?। ୮୦୭ ପଏଣ୍ଟ ସହିତ ସେ ଏହି ତାଲିକାର ଷଷ୍ଠ ସ୍ଥାନରେ ରହିଛନ୍ତି। ଟେଷ୍ଟ କ୍ରିକେଟରେ ଏଯାବତ୍ ଏହା ତାଙ୍କ କ୍ୟାରିୟରର ଶ୍ରେଷ୍ଠ ସ୍ଥାନ।ଏଜବାଷ୍ଟନରେ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ?ର ପ୍ରଥମ ଇନିଂସରେ ଶୁବମନ ଗିଲ ୩୮୭ଟି ବଲ୍ ?ରୁ ୨୬୯ ରନ୍ କରିଥିବା ବେଳେ ଦ୍ୱିତୀୟ ଇନିଂସରେ ୧୬୨ଟି ବଲ୍ ?ରୁ ୧୬୧ ରନ୍ କରିଥିଲେ। ଏହା ସହିତ ଅନେକ ରେକର୍ଡ ସେ ନିଜ ନାଁରେ କରିଥିଲେ। ତୃତୀୟ ଭାରତୀୟ ଟେଷ୍ଟ କ୍ୟାପ୍ ?ଟେନ ଭାବେ ସେ ଗୋଟିଏ ଟେଷ୍ଟ ମ୍ୟାଚ୍‌ର ଉଭୟ ଇନିଂସରେ ଶତକ ମାରିଥିଲେ। ତାଙ୍କ ପୂର୍ବରୁ ସୁନୀଲ ଗାଭାସ୍କର ଓ ବିରାଟ କୋହଲି ଏହି କ୍ଲବରେ ଥିଲେ। ସେହିଭଳି ଭାରତ ପାଇଁ କୌଣସି ଟେଷ୍ଟରେ ସର୍ବାଧିକ ରନ୍ (୪୩୦) ହାସଲକାରୀ କ୍ରିକେଟର ବନି ଯାଇଛନ୍ତି ଗିଲ। ଏହା ପୂର୍ବରୁ ଏହି ରେକର୍ଡ ସୁନୀଲ ଗାଭାସ୍କରଙ୍କ ନାଁରେ ଥିଲା। ସେହିପରି ଏହି କ୍ଷେତ୍ରରେ ସାରା ବିଶ୍ୱରେ ସେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।ସଦ୍ୟ ପ୍ରକାଶିତ ଆଇସିସି ପୁରୁଷ ଟେଷ୍ଟ ବ୍ୟାଟିଂ ରାଙ୍କିଙ୍ଗରେ ଯଶସ୍ୱୀ ଜୈସଓ୍ୱାଲ ପୂର୍ବବତ୍ ୪ ନମ୍ବର ସ୍ଥାନରେ ରହିଛନ୍ତି। ଗତ ଥର ସେ ୮୫୧ ପଏଣ୍ଟ ପାଇ ଚ଼ତୁର୍ଥ ସ୍ଥାନରେ ଥିବା ବେଳେ ଏଥର ୮୫୮ ପଏଣ୍ଟ ପାଇ ଏହି ସ୍ଥାନ ବଜାୟ ରଖିଛନ୍ତି। ଅନ୍ୟପକ୍ଷରେ ଗତଥର ସପ୍ତମ ସ୍ଥାନରେ ଥିବା ଋଷଭ ପନ୍ତ ଏଥର ଗୋଟିଏ ସ୍ଥାନ ତଳକୁ ଖସି ଅଷ୍ଟମ ସ୍ଥାନରେ ଅଛନ୍ତି। ସେ ୭୯୦ ପଏଣ୍ଟ ପାଇ ଅଷ୍ଟମ ସ୍ଥାନରେ ଅଛନ୍ତି।ଇଂଲଣ୍ଡର ଜୋ ରୁଟ୍‌ଙ୍କୁ ୧ନମ୍ବର ସ୍ଥାନରୁ ହଟାଇ ଦେଇଛନ୍ତି ତାଙ୍କ ସାଥୀ ଖେଳାଳି ହ୍ୟାରୀ ବ୍ରୁକ। ସେ ୮୮୬ ପଏଣ୍ଟ ପାଇ ୧ ନମ୍ବର ସ୍ଥାନ ଅକ୍ତିଆର କରିଥିବା ବେଳେ ୮୬୭ ପଏଣ୍ଟ ପାଇ ୨ୟ ସ୍ଥାନକୁ ଖସିଛନ୍ତି ଜୋ ରୁଟ୍ ?। ନ୍ୟୁଜିଲ୍ୟାଣ୍ଡର କେନ୍ ୱିଲିୟମସନ୍ ୮୬୭ ପଏଣ୍ଟ ସହିତ ତୃତୀୟ ସ୍ଥାନ ବଜାୟ ରଖିଥିବା ବେଳେ ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍ ମଧ୍ୟ ୮୧୩ ପଏଣ୍ଟ ପାଇ ପଞ୍ଚମ ସ୍ଥାନକୁ ବଜାୟ ରଖିଛନ୍ତି। ଦକ୍ଷିଣ ଆଫ୍ରିକାର ଟେମ୍ବା ବଭୂମା (୭୯୦) ଷଷ୍ଠ, ଶ୍ରୀଲଙ୍କାର କାମିନ୍ଦୁ ମେଣ୍ଡିସ (୭୮୧) ନବମ ଓ ଇଂଲଣ୍ଡର ଜେମି ସ୍ମିଥ (୭୫୩) ୧୦ ନମ୍ବର ସ୍ଥାନରେ ରହିଛନ୍ତି।

## ମାଇନ୍‌ସ ଅଫିସର ଦୀନବନ୍ଧୁ ପରିଡ଼ାଙ୍କ ପଦୋନ୍ନତି

ଭୁବନେଶ୍ୱର,(ପି.ଏନ): ମାଇନ୍‌ସ କାର୍ଯ୍ୟାଧିକାରୀ ଦୀନବନ୍ଧୁ ପରିଡ଼ାଙ୍କ ପଦୋନ୍ନତି ପ୍ରକ୍ରୀୟାକରଣ ତାଲିକାରେ ଓଡ଼ିଶା ସରକାରଙ୍କ ଦୀର୍ଘଦିନ ହେବ ଚ କତା ରହିଆସିଛି। ତଥ୍ୟାଭିଜ୍ଞ ସୂତ୍ରରୁ ପ୍ରମାଣ ମିଳେ ଯେ, ବହୁ ଆଗରୁ ଦୀନବନ୍ଧୁ ପରିଡ଼ା। ଭୁବନେଶ୍ୱର, କୋଇଡ଼ା ଓ କୋରାପୁଟ ଅ ଳରେ ଅବସ୍ଥାପିତ ରହିଆସିଥିବା ବେଳେ ରାଉରକେଲା, ସୁନ୍ଦରଗଡ଼, ଫୁଲବାଣୀରେ ମାଇନ୍‌ସ କାର୍ଯ୍ୟାଧିକାରୀ ଭାବେ କାର୍ଯ୍ୟ କରିଆସୁଥିଲେ ଏବଂ କୋରାପୁଟରେ ଭାରପ୍ରାପ୍ତ ଖଣି ଉପ-ନିର୍ଦ୍ଦେଶକ ପଦବୀରେ ରହି ଆସିଥିଲେ। ଶିକ୍ଷାରେ ପରିଡ଼ାଙ୍କୁ ଟପିଯାଇପାରିଲା ଭଳି ଜଣେ ମାତ୍ର ଖଣି ଅଧିକାରୀ ନାହିଁ, ଯେଉଁଭଳି ସେ ସୁଦକ୍ଷ, ସୂଚାରୁ ସଂପନ୍ନ ଭାବରେ ନିଜ କାର୍ଯ୍ୟକୁ ନିୟନ୍ତ୍ରଣ କରିପାରନ୍ତି। ଅସୁବିଧାଟି ହେଲା, ଖଣି ଓ ଇସ୍ପାତ ବିଭାଗ ତରଫରୁ ଏକ ତ୍ରୁଟିପୂର୍ଣ୍ଣ ଶୃଙ୍ଖଳାଗତ, କାର୍ଯ୍ୟାନୁଷ୍ଠାନର ତଦନ୍ତ କରାଯାଇ ତା’ର ରିପୋର୍ଟ ପ୍ରସ୍ତୁତ କରାଯାଇଅଛି ଏବଂ ସେହି ବିଧିବଦ୍ଧ ତଦନ୍ତ ସମୟରେ ପ୍ରଚଳିତ ନିୟମାବଳୀର ଉଲ୍ଲଂଘନ କରାଯାଇଅଛି। ତାହା ହେଲା ତଦନ୍ତର ନିୟମ ମଧ୍ୟରେ ଜଣେ ଅବସ୍ଥାପିତ କାର୍ଯ୍ୟାଧିକାରୀ (ପର୍ଯ୍ୟାୟ-କ)ରେ ନିଯୁକ୍ତି ଦିଆଯିବା ବାଧ୍ୟତାମୂଳକ ଥିଲା। ଏବଂ ତ୍ରୁଟିପୂର୍ଣ୍ଣ ଭାବରେ ତଦନ୍ତ କରାଯିବାରୁ ତଦନ୍ତ କାର୍ଯ୍ୟାଧିକାରୀ କେବଳ ତଦନ୍ତ କରାଯିବାରୁ ତଦନ୍ତ କାର୍ଯ୍ୟାଧିକାରୀ କେବଳ ସାକ୍ଷୀମାନଙ୍କର ପ୍ରଲୋଚନାରେ ତାଙ୍କର ରିପୋର୍ଟ ପ୍ରସ୍ତୁତ କରିଅଛନ୍ତି। ଖଣି ଅଧିକାରୀଙ୍କ ବ୍ୟକ୍ତିଗତ ସୁରକ୍ଷା ପାଇଁ ଏକ ବିସ୍ତଲ ଅତି ଜରୁରୀ ଥିବାବେଳେ ତାହା ସେ ଦଣ୍ଡନୀୟ ଅପରାଧ ଭାବରେ ବିବେଚନା କରିଅଛନ୍ତି। ତାଙ୍କୁ କୌଣସି ଦଣ୍ଡବିଧାନ କରାନଯାଇ ପଦୋନ୍ନତି ଦିଆଯିବା ପାଇଁ ସର୍ବଗୋଚରର ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।

## ନେକ୍ସଟକ୍ୱାଂଟମ ପକ୍ଷରୁ ଏଆଇ+ ସ୍ମାର୍ଟଫୋନର ଶୁଭାରମ୍ଭ

ଭୁବନେଶ୍ୱର(ପି.ଏନ) : ନେକ୍ସଟକ୍ୱାଂଟମ ପକ୍ଷରୁ ଭାରତର ପ୍ରଥମ ଫୁଲି ଅଥରଡ ସ୍ମାର୍ଟଫୋନ, ଏଆଇ+ସ୍ମାର୍ଟଫୋନର ଉନ୍ମୋଚନ କରିଛି ଯାହାକୁ ସମ୍ପୂର୍ଣ୍ଣ ରୂପେ ଭାରତରେ ନିର୍ମାଣ କରାଯାଇଛି। ନେକ୍ସଟକ୍ୱାଂଟମ ସିଫ୍ଟ ଟେକ୍ନୋଲୋଜିସ୍‌ର ପ୍ରତିଷ୍ଠାତା ଓ ଏଆଇ+ ସ୍ମାର୍ଟଫୋନର ସିଇଓ ମାଧବ ସେଠଙ୍କ ସମେତ ଗୁଗଲ କ୍ଲାଉଡ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଶଶିକୁମାର ଶ୍ରୀଧରନ ଏବଂ ଫ୍ଲିପ୍‌କାର୍ଟର ମୋବାଇଲ ବିଭାଗର ଉପାଧ୍ୟକ୍ଷ ସ୍ମୃତି ରବିଚନ୍ଦ୍ରନଙ୍କ ନେତୃତ୍ୱରେ ଏହି ସ୍ମାର୍ଟଫୋନର ଶୁଭାରମ୍ଭ କରାଯାଇଛି। ଭାରତରେ ନିର୍ମିତ ଓ ଭାରତର ପ୍ରଥମ ସ୍ୱାଧୀନ ମୋବାଇଲ ଅପରେଟିଂ ସିଷ୍ଟମ ନେକ୍ସଟକ୍ୱାଂଟମ ଓଏସ ଦ୍ୱାରା ପରିଚାଳିତ ଏଆଇ+ ସ୍ମାର୍ଟଫୋନ ଉଚ୍ଚ କାର୍ଯ୍ୟଦକ୍ଷତା, ସୁଲଭତା ଓ ଗୋପନୀୟତାକୁ ଏକ ବାଧାମୁକ୍ତ ଅନୁଭୂତିରେ ଏକତ୍ରିତ କରିଛି। ମାଧବ ସେଠ୍‌ଙ୍କ ଦ୍ୱାରା ଉନ୍ମୋଚିତ ଓ ନେକ୍ସଟକ୍ୱାଂଟମ ସିଫ୍ଟ ଟେକ୍ନୋଲୋଜିରେ ତାଙ୍କ ଟିମ ଦ୍ୱାରା ନିର୍ମିତ ଏଆଇ+ ସ୍ମାର୍ଟଫୋନ ଶୃଙ୍ଖଳାରେ ୨ଟି ସ୍ମାର୍ଟଫୋନ ପଲ୍‌ସ ଓ ନୋଭା ୫ଜି ଅ’ର୍ଭୁକ୍ତ ରହିଛି ଏବଂ ପ୍ରତ୍ୟେକ ସ୍ମାର୍ଟଫୋନର ୫ଟି ରଙ୍ଗ ଉପଲବ୍ଧ ଅଛି। ଏସମ୍ପର୍କରେ ମାଧବ ସେଠ କହିଛନ୍ତି, ’ଏଆଇ+ ସ୍ମାର୍ଟଫୋନ ହେଉଛି ଭାରତୀୟ ଉପଭୋକ୍ତାଙ୍କ ହାତକୁ ନିୟନ୍ତ୍ରଣ ଫେରାଇ ଆଣିବା। ଅନେକ ବର୍ଷ ହେବ ଆମେ ଏଭଳି ଫୋନ ଓ ପ୍ଲାଟଫର୍ମ ଉପରେ ନିର୍ଭର କରିଆସୁଛୁ ଯାହାକୁ ଭାରତକୁ ଦୃଷ୍ଟିରେ ରଖି ନିର୍ମାଣ କରାଯାଇନାହିଁ। କି’ୁ ଏଆଇ+ ଏହାକୁ ପରିବର୍ତନ କରିଛି।‘ ସେହିପରି ଫ୍ଲିପ୍‌କାର୍ଟ, ମୋବାଇଲ୍ସ ବିଭାଗର ଉପାଧ୍ୟକ୍ଷ ସ୍ମୃତି ରବିଚନ୍ଦ୍ରନ କହିଛନ୍ତି, ‘ଆମେ ଆମର ଗ୍ରାହକଙ୍କ ପାଇଁ ଏଆଇ+ ସ୍ମାର୍ଟଫୋନ ଆଣି ଗର୍ବିତ, ଏଭଳି ଏକ ସ୍ମାର୍ଟଫୋନ ଯାହା କାର୍ଯ୍ୟଦକ୍ଷତା, ଗୋପନୀୟତା ଓ ଉଦ୍ଦେଶ୍ୟକୁ ଏକତ୍ରିତ କରିଥାଏ।‘ ଏଆଇ+ ସ୍ମାର୍ଟଫୋନକୁ ୟୁନାଇଟେଡ ଟେଲିଲିଙ୍କ୍‌ସ (ବେଙ୍ଗାଲୁରୁ) ଦ୍ୱାରା ଏହାର ନୋଏଡା ଫ୍ୟାକ୍ଟ୍ରିରେ ନିର୍ମାଣ କରାଯାଇଛି। ସଫ୍ଟଓ୍ୱେୟାରଠାରୁ ଆରମ୍ଭ କରି ଯୋଗାଣ ଶୃଙ୍ଖଳା ପର୍ଯ୍ୟ‘ ସବୁକିଛି ଭାରତର ପ୍ରାଥମିକତା ସହ ଜଡିତ। ଏହି ଫୋନ ଆଂଚଳିକ ଭାଷା, ସ୍ଥାନୀୟ କଂଟେଂଟ ଓ ନେକ୍ସଟକ୍ୱାଂଟମର ଥିମ ଡିଜାଇନର ଟୁଲ ମାଧ୍ୟମରେ ଏକ ସ୍ୱତନ୍ତ୍ର ଅନୁଭୂତିକୁ ସପୋର୍ଟ କରୁଛି। ଏହି ସ୍ମାର୍ଟଫୋନ ଶୃଙ୍ଖଳା ଏବେ ଫ୍ଲିପକାର୍ଟ ଓ ଅନ୍ୟାନ୍ୟ ମାଧ୍ୟମରେ ଉପଲବ୍ଧ ରହିଛି ଯାହାର ପ୍ରାରମ୍ଭିକ ମୂଲ୍ୟ କେବଳ ୪୪୯୯ ଟଙ୍କା ରହିଛି। ପଲ୍‌ସ ଭାରିଆଂଟରେ ୬.୭ ଇଂଚ ଡିସ୍‌ପ୍ଲେ, ୧ ଟିବି ଏକ୍ସପାଣ୍ଡେବୁଲ ମେମୋରୀ, ୫୦ଏମ୍‌ପି ଡୁଆଲ ଏଆଇ କ୍ୟାମେରା, ୫୦୦୦ ଏମଏଏଚ ବ୍ୟାଟେରୀ, ସାଇଡ ଫିଙ୍ଗରପ୍ରିଂଟ ସେନ୍ସର ରହିଛି। ଏହା ବ୍ଲୁ, ବ୍ଲାକ, ଗ୍ରୀନ, ପର୍ପଲ ଓ ପିଙ୍କରେ ଆସନ୍ତା ଜୁଲାଇ ୧୨ ତାରିଖ ଦିନ ୧୨ଟାରୁ ୪୪୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଉପଲବ୍ଧ ହେବ। ସେହିପରି ନୋଭା ୫ଜି ଭାରିଆଂଟରେ ୬.୭ଇଂଚ ଏଚ୍‌ଡି+ ଡିସ୍‌ପ୍ଲେ, ୧ ଟିବି ଏକ୍ସପାଣ୍ଡେବୁଲ ମେମୋରୀ, ୫୦ଏମପି ଡୁଆଲ ଏଆଇ କ୍ୟାମେରା, ୫୦୦୦ ଏମଏଏଚ ବ୍ୟାଟେରୀ, ସାଇଡ ଫିଙ୍ଗରପ୍ରିଂଟ ସେନ୍ସର ରହିଛି। ଏହା ଆସ‘। ଜୁଲାଇ ୧୩ ତାରିଖ ଦିନ ୧୨ଟାରୁ ୭୪୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଉପଲବ୍ଧ ହେବ। ଏହି ସ୍ମାର୍ଟଫୋନ ଶୃଙ୍ଖଳାର କ୍ରୟ ଉପରେ ଆକ୍ସିସ ବ୍ୟାଙ୍କ କ୍ରେଡିଟ କାର୍ଡ ଓ ଇଏମଆଇ ଟ୍ରାଜ୍ୟନ , ଫ୍ଲିପ୍‌କାର୍ଟ ଆକ୍ସିସ ବ୍ୟାଙ୍କ କ୍ରେଡିଟ କାର୍ଡରେ ୫୦୦ ଟଙ୍କାର ତତ୍କାଳ ରିହାତି ଉପଲବ୍ଧ ରହିଛି। ସେହିପରି ବଜାଜ ଫିନ୍‌ସର୍ଭରେ ୩ ମାସର ନୋ-କଷ୍ଟ ଇଏମଆଇ ସୁବିଧା ଏବଂ ପ୍ରେକ୍ସୋ ପ୍ରୋଗ୍ରାମ ଅଧିନରେ ସମସ୍ତ ଫୋନ ଉପରେ ଏକ୍ସଚେ ବୋନସ୍ ରହିଛି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray